रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**
**ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6**

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବଭଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କେନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍‌ପ୍ଲିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍‌ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଶପଥ ଅଧିନିୟମ, 1969

(1969ର ଅଧିନିୟମ 44)

**ନ୍ୟାୟିକ ଶପଥ ଏବଂ କେତେକ ଅନ୍ୟ ପ୍ରୟୋଜନ ସମ୍ବନ୍ଧୀ ବିଧିର ଏକୀକରଣ ଏବଂ ସଂଶୋଧନ ନିମନ୍ତେ ଏକ ଅଧିନିୟମ ।**

[26 ଡିସେମ୍ବର, 1969]

ଭାରତ ଗଣରାଜ୍ୟର ବିଂଶ ବର୍ଷରେ ଏହା ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :—

**ସଂକ୍ଷିପ୍ତ ନାମ ଏବଂ ବିସ୍ତାର ।**

1. (1) ଏହି ଅଧିନିୟମ ଶପଥ ଅଧିନିୟମ, 1969 ନାମରେ ଅଭିହିତ ହେବ ।

(2) କେବଳ ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡ଼ି ସମଗ୍ର ଭାରତ ପ୍ରତି ଏହା ବିସ୍ତୃତ ହେବ ।

**କେତେକ ଶପଥ ଏବଂ ପ୍ରତିଜ୍ଞାନର ବ୍ୟାବୃତ୍ତି ।**

2. ଏହି ଅଧିନିୟମରେ ଥିବା କୌଣସି ବିଷୟ ସାମରିକ ଅଦାଲତମାନଙ୍କ ସମ୍ମୁଖରେ ଥିବା କାର୍ଯ୍ୟବାହୀମାନଙ୍କ ପ୍ରତି ଏବଂ ସଙ୍ଘର ସଶସ୍ତ୍ର ସେନା ସଦସ୍ୟମାନଙ୍କ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ଶପଥ, ପ୍ରତିଜ୍ଞାନ ବା ଘୋଷଣାମାନଙ୍କ ପ୍ରତି ଲାଗୁ ହେବ ନାହିଁ ।

**ଶପଥ ଦେବାର କ୍ଷମତା ।**

3. (1) ନିମ୍ନଲିଖିତ ନ୍ୟାୟାଳୟ ଏବଂ ବ୍ୟକ୍ତିମାନଙ୍କର ସେମାନେ ନିଜେ ବା ଧାରା 6 ର ଉପଧାରା (2) ର ଉପବନ୍ଧମାନଙ୍କ ଅଧ୍ୟଧୀନ ରହି ଏ ସମ୍ପର୍କରେ ସେମାନଙ୍କଦ୍ୱାରା କ୍ଷମତାପନ୍ନ କୌଣସି ଅଧିକାରୀଙ୍କ ଦ୍ୱାରା ସେମାନଙ୍କ ଉପରେ ବିଧି ଦ୍ୱାରା ଆରୋପିତ କର୍ତ୍ତବ୍ୟମାନଙ୍କ ସମ୍ପାଦନରେ ବା ନ୍ୟସ୍ତ ହୋଇଥିବା କ୍ଷମତାମାନଙ୍କ ପ୍ରୟୋଗରେ ଶପଥ ଏବଂ ପ୍ରତିଜ୍ଞାନମାନ ଦେବାର କ୍ଷମତା ରହିବ :—

(କ) ବିଧିଦ୍ୱାରା ବା ପକ୍ଷମାନଙ୍କ ସମ୍ମତିକ୍ରମେ ସାକ୍ଷ୍ୟ ଗ୍ରହଣ କରିବାର ପ୍ରାଧିକାର ଥିବା ସମସ୍ତ ନ୍ୟାୟାଳୟ ଓ ବ୍ୟକ୍ତିମାନେ,

(ଖ) ଶପଥ ବା ପ୍ରତିଜ୍ଞାନ ଷ୍ଟେସନର ସୀମା ମଧ୍ୟରେ ଦିଆଯିବା ସ୍ଥଳେ ସଙ୍ଘର ସଶସ୍ତ୍ର ସେନାମାନଙ୍କ ଅଧିକୃତ କୌଣସି ସାମରିକ, ନୌସେନା ବା ବାୟୁସେନା ଷ୍ଟେସନ ବା ତାହାଙ୍କର ସମାଦେଶକାରୀ ଅଧିକାରୀ;

(2) ଉପଧାରା (1) ବା ତତ୍ ସମୟ ପ୍ରବୃତ୍ତ ଅନ୍ୟ କୌଣସି ବିଧିଦ୍ୱାରା ବା ଅଧୀନରେ ନ୍ୟସ୍ତ କ୍ଷମତାମାନଙ୍କ ପ୍ରତି ଆଞ୍ଚ ନ ଆଣି କୌଣସି ନ୍ୟାୟାଳୟ, ନ୍ୟାୟାଧୀଶ, ମାଜିଷ୍ଟ୍ରେଟ ବା ବ୍ୟକ୍ତି ଶପଥ ପତ୍ର ଉଦ୍ଦେଶ୍ୟରେ ଶପଥ ବା ପ୍ରତିଜ୍ଞାନ ଦେଇ ପାରିବେ ଯଦି ସେ—

(କ) ନ୍ୟାୟିକ କାର୍ଯ୍ୟବାହୀମାନଙ୍କ ଉଦ୍ଦେଶ୍ୟରେ ଶପଥ ପତ୍ର ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା, ବା

(ଖ) ଅନ୍ୟ ଶପଥପତ୍ରମାନଙ୍କ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା, ଏଥି ନିମିତ୍ତ ପ୍ରାଧିକୃତ ହୋଇଥାନ୍ତି ।

**ସାକ୍ଷୀ, ଅନୁବାଦକ ଜୁରୀମାନଙ୍କ ଦ୍ୱାରା ଶପଥ ଏବଂ ପ୍ରତିଜ୍ଞାନ କରାଯିବ ।**

4. (1) ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଶପଥ ବା ପ୍ରତିଜ୍ଞାନମାନ କରାଯିବ, ଯଥା:—

(କ) ସମସ୍ତ ସାକ୍ଷୀ ଅର୍ଥାତ୍ ଯେଉଁ ସମସ୍ତ ବ୍ୟକ୍ତିଙ୍କୁ କି ବିଧିପୂର୍ବକ ପରୀକ୍ଷା କରାଯିବ ବା କୌଣସି ନ୍ୟାୟାଳୟ ଦ୍ୱାରା ବା ସପକ୍ଷରେ କିମ୍ବା ବିଧିଦ୍ୱାରା ପକ୍ଷମାନଙ୍କ ସମ୍ମତିକ୍ରମେ ଏଭଳି ବ୍ୟକ୍ତିମାନଙ୍କୁ ପରୀକ୍ଷା କରିବାକୁ ବା ସାକ୍ଷ୍ୟ ଗ୍ରହଣ କରିବାକୁ ପ୍ରାଧିକାର ଥିବା ବ୍ୟକ୍ତିଙ୍କ ଦ୍ୱାରା ବା ସମକ୍ଷରେ ସାକ୍ଷ୍ୟ ଦେବେ ବା ଦେବାକୁ ଆବଶ୍ୟକ ହେବେ ;

(ଖ) ସାକ୍ଷୀମାନଙ୍କୁ ପଚରା ଯାଉଥିବା ପ୍ରଶ୍ନମାନଙ୍କର ଏବଂ ସେମାନଙ୍କ ଦ୍ୱାରା ଦିଆଯାଉଥିବା ସାକ୍ଷ୍ୟର ଅନୁବାଦକମାନେ; ଏବଂ

(ଗ) ଜୁରୀମାନେ :

ପରନ୍ତୁ, ଯେଉଁଠାରେ ସାକ୍ଷୀ କୋଡ଼ିଏ ବର୍ଷ ବୟସରୁ ଊଣା ଜଣେ ଶିଶୁ ଅଟନ୍ତି ଏବଂ ନ୍ୟାୟାଳୟ ବା ଏଭଳି ସାକ୍ଷୀମାନଙ୍କୁ ପରୀକ୍ଷା କରିବାର ପ୍ରାଧିକାର ଥିବା ବ୍ୟକ୍ତିଙ୍କର ମତ ହୁଏ ଯେ ଯଦିଓ ସାକ୍ଷୀ ସତ କହିବାର କର୍ତ୍ତବ୍ୟ ବୁଝୁଛନ୍ତି ତଥାପି ସେ ଏକ ଶପଥ ବା ପ୍ରତିଜ୍ଞାନର ପ୍ରକୃତି ବୁଝି ପାରୁନାହାନ୍ତି ସେଠାରେ ଏହି ଧାରାର ପୂର୍ବବର୍ତ୍ତୀ

ଉପବନ୍ଧମାନ ଏବଂ ଧାରା 5ର ଉପବନ୍ଧମାନ ଏ ଭଳି ସାକ୍ଷୀମାନଙ୍କ ପ୍ରତି ଲାଗୁ ହେବନାହିଁ, କିନ୍ତୁ ଏଭଳି କୌଣସି କ୍ଷେତ୍ରରେ ଏକ ଶପଥ ବା ପ୍ରତିଜ୍ଞାନର ଅଭାବ, ଏ ଭଳି ସାକ୍ଷୀ ଦ୍ୱାରା ଦିଆଯାଇଥିବା କୌଣସି ସାକ୍ଷ୍ୟ ଅଗ୍ରହଣ ଯୋଗ୍ୟ ହେବନାହିଁ ବା ସାକ୍ଷୀଙ୍କର ସତ୍ୟ ଦର୍ଶାଇବାକୁ ବାଧ୍ୟତା ପ୍ରତି ଆଞ୍ଚ ଆସିବ ନାହିଁ ।

(2) ଏହି ଧାରାରେ ଥିବା କୌଣସି ବିଷୟ ଏକ ଫୌଜଦାରୀ କାର୍ଯ୍ୟବାହୀରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଏକ ଶପଥ ବା ପ୍ରତିଜ୍ଞାନ ଦେବାକୁ ଛିଧି ସମ୍ମତ କରିବ ନାହିଁ ଯେପର୍ଯ୍ୟନ୍ତ ତାଙ୍କୁ ପ୍ରତିରକ୍ଷା ସାକ୍ଷୀରୂପେ ପରୀକ୍ଷା କରା ନ ଯାଇଅଛି ବା କୌଣସି ନ୍ୟାୟାଳୟର ସରକାରୀ ଅନୁବାଦକ ତାଙ୍କ ପଦବୀର କର୍ତ୍ତବ୍ୟମାନଙ୍କର କାର୍ଯ୍ୟକାରିତାରେ ପ୍ରବେଶ କରିବା ପରେ ସେ ସେହି କର୍ତ୍ତବ୍ୟମାନ ବିଶ୍ୱସ୍ତଭାବେ ସଂପାଦନ କରିବେ, ଏଭଳି ଏକ ଶପଥ ବା ପ୍ରତିଜ୍ଞାନ ଦେବାକୁ ଆବଶ୍ୟକ କରା ନ ହୋଇଅଛି ।

**ପ୍ରତିଜ୍ଞାନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଜ୍ଞାନ ।**

5. ଜଣେ ସାକ୍ଷୀ, ଅନୁବାଦକ ବା ଜୁରୀ ସଦସ୍ୟ ଏକ ଶପଥ କରିବା ପରିବର୍ତ୍ତେ ଏକ ପ୍ରତିଜ୍ଞାନ କରିପାରିବେ ।

**ଶପଥ ଏବଂ ପ୍ରତିଜ୍ଞାନର ଫର୍ମମାନ ।**

6. (1) ଧାରା 4 ଅଧୀନରେ କରାଯାଇଥିବା ସମସ୍ତ ଶପଥ ଏବଂ ପ୍ରତିଜ୍ଞାନ ମାମଲାଟିର ପରିସ୍ଥିତି ଦୃଷ୍ଟେ ଦିଆଯାଇଥିବା ଫର୍ମମାନଙ୍କ ମଧ୍ୟରୁ ଯେଉଁଟି ଯଥାର୍ଥ ମନେ ହେବ ସେହି ଫର୍ମ ଅନୁସାରେ ଦିଆଯିବ:

ପରନ୍ତୁ ଯଦି କୌଣସି ନ୍ୟାୟିକ କାର୍ଯ୍ୟବାହୀର ଜଣେ ସାକ୍ଷୀ ସେ ଅନ୍ତର୍ଗତ ଥିବା ବର୍ଗର ବ୍ୟକ୍ତିମାନଙ୍କ ମଧ୍ୟରେ ସାଧାରଣଭାବେ ପ୍ରଚଳିତ ଥିବା ବା ସେମାନଙ୍କ ଦ୍ୱାରା ବାଧ୍ୟତାରୂପେ ଗ୍ରହଣ ହେଉ ଥିବା ନ୍ୟାୟ ବା ସୌଜନ୍ୟତା ବିରୁଦ୍ଧ ହୋଇ ନ ଥିବା ଏବଂ କୌଣସି ତୃତୀୟ ପକ୍ଷ ପ୍ରତି ଆଞ୍ଚ ଆଣିବାକୁ ଅଭିପ୍ରେତ ହୋଇ ନ ଥିବା କୌଣସି ଫର୍ମରେ ଏକ ଶପଥ ବା ସତ୍ୟନିଷ୍ଠ ପ୍ରତିଜ୍ଞାନ ଉପରେ ସାକ୍ଷ୍ୟ ଦେବାକୁ ଇଚ୍ଛା କରନ୍ତି ତେବେ ନ୍ୟାୟାଳୟ ଉଚିତ ମନେ କଲେ ଏଥିରେ ପୂର୍ବରୁ ଥିବା ଯେକୌଣସି ବିଷୟ ସତ୍ତ୍ୱେ ତାଙ୍କୁ ଏଭଳି ଶପଥ ବା ପ୍ରତିଜ୍ଞାନ ଉପରେ ସାକ୍ଷ୍ୟ ଦେବାକୁ ଅନୁମତି ଦେଇପାରିବେ ।

(2) ଏଭଳି ସମସ୍ତ ଶପଥ ଏବଂ ପ୍ରତିଜ୍ଞାନ ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟମାନଙ୍କ ଭିନ୍ନ ଅନ୍ୟ ସମସ୍ତ ନ୍ୟାୟାଳୟ କ୍ଷେତ୍ରରେ ନ୍ୟାୟାଳୟର ପୀଠାସୀନ ଅଧିକାରୀ ନିଜେ ନେବେ ବା ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟମାନଙ୍କ ଏକ ବେଞ୍ଚ କ୍ଷେତ୍ରରେ ଯଥାସ୍ଥିତି, ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟଙ୍କ ମଧ୍ୟରୁ କୌଣସି ଜଣଙ୍କ ଦ୍ୱାରା ଦିଆଯିବ ।

**ଶପଥ ଲୋପ ବା ଅନିୟମିତତା ଦ୍ୱାରା କାର୍ଯ୍ୟବାହୀ ଏବଂ ସାକ୍ଷ୍ୟ ଅବୈଧ୍ୟ ହେବନାହିଁ ।**

7. ଶପଥ ନେବାରେ ବା କୌଣସି ପ୍ରତିଜ୍ଞାନ କରିବାରେ କୌଣସି ଲୋପ ହେଲେ କୌଣସି ଗୋଟିକ ସ୍ଥାନରେ ସେମାନଙ୍କ ମଧ୍ୟରୁ ଅନ୍ୟ କୌଣସିଟି ସ୍ଥାନାପନ୍ନହେଲେ କୌଣସି ଶପଥ ବା ପ୍ରତିଜ୍ଞାନ ଦେବାରେ କିମ୍ବା ଏହା ଦିଆଯାଇଥିବା ଫର୍ମରେ କୌଣସି ପ୍ରକାରର ଅନିୟମିତତା ଘଟିଲେ କୌଣସି କାର୍ଯ୍ୟବାହୀ ଅବୈଧ ହେବ ନାହିଁ ବା ଯେଉଁ ସାକ୍ଷ୍ୟ ସମ୍ବନ୍ଧରେ ଏଭଳି ଲୋକ ସ୍ଥାନାପନ୍ନ ବା ଅନିୟମିତତା ଘଟିଥିବ ତାହା ଅଗ୍ରହଣ ଯୋଗ୍ୟ ହେବ ନାହିଁ ବା ସତ୍ୟ ଦର୍ଶାଇବାକୁ ଜଣେ ସାକ୍ଷୀଙ୍କ ବାଧ୍ୟତା ପ୍ରତି ଆଞ୍ଚ ଆଣିବ ନାହିଁ ।

**ସାକ୍ଷ୍ୟ ଦେଉଥିବା ବ୍ୟକ୍ତିମାନେ ସତ୍ୟ ଦର୍ଶାଇବାକୁ ବାଧ୍ୟ ହେବେ ।**

8. କୌଣସି ନ୍ୟାୟାଳୟ ବା ଏତଦ୍ୱାରା ଶପଥ ଏବଂ ପ୍ରତିଜ୍ଞାନ ଦେବାପାଇଁ ପ୍ରାଧିକୃତ ବ୍ୟକ୍ତିଙ୍କ ସମକ୍ଷରେ କୌଣସି ବିଷୟ ଉପରେ ସାକ୍ଷ୍ୟ ଦେଉଥିବା ପ୍ରତ୍ୟେକ ବ୍ୟକ୍ତି ଏଭଳି ବିଷୟ ଉପରେ ସତ୍ୟ ଦର୍ଶାଇବାକୁ ବାଧ୍ୟ ହେବେ ।

**ନିରସନ ଏବଂ ବ୍ୟାବୃତ୍ତି ।**

9. (1) ଭାରତୀୟ ଶପଥ ଅଧିନିୟମ, 1873 ଏତଦ୍ୱାରା ନିରସିତ ହେଲା ।

(2) ଯେଉଁଠାରେ ଏହି ଅଧିନିୟମର ପ୍ରାରମ୍ଭ ସମୟରେ ଲମ୍ବିତ କୌଣସି କାର୍ଯ୍ୟବାହୀରେ ପକ୍ଷମାନେ ଉକ୍ତ ଅଧିନିୟମର ଧାରା 8ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ଏଭଳି କୌଣସି ଶପଥ ବା ପ୍ରତିଜ୍ଞାନ ଦ୍ୱାରା ବାଧ୍ୟ ହେବାକୁ ସମ୍ମତ ହୋଇଥିବେ ସେଠାରେ ଉକ୍ତ ଅଧିନିୟମର ନିରସନ ସତ୍ତ୍ୱେ ଉକ୍ତ ଅଧିନିୟମର ଧାରା 9 ଠାରୁ 12 ଉପବନ୍ଧମାନ ଏଭଳି କରାର ସଂପର୍କରେ ଲାଗୁହୋଇ ରହିବ ସତେ ଯେପରିକି ଏହି ଅଧିନିୟମ ପାରିତ ହୋଇ ନାହିଁ ।

# ଅନୁସୂଚୀ

(ଧାରା 6 ଦେଖନ୍ତୁ)

## ଶପଥ ବା ପ୍ରତିଜ୍ଞାନର ଫର୍ମ

### ଫର୍ମ ନଂ 1 (ସାକ୍ଷୀ)

ଈଶ୍ୱରଙ୍କ ନାମରେ ଶପଥ କରୁଅଛି
ମୁଁ ———————— ଯେ ମୁଁ ଯାହା କହିବି ସତ୍ୟ କହିବି, ସଂପୂର୍ଣ୍ଣ ସତ୍ୟ କହିବି ଏବଂ ସତ୍ୟ ଭିନ୍ନ ଆଉ କିଛି
ସତ୍ୟନିଷ୍ଠ ପୂର୍ବକ ପ୍ରତିଜ୍ଞାନ କରୁଅଛି
କହିବି ନାହିଁ ।

### ଫର୍ମ ନଂ 2 (ଜୁରୀ ସଦସ୍ୟ)

ଈଶ୍ୱରଙ୍କ ନାମରେ ଶପଥ କରୁଅଛି
ମୁଁ ———————— ଯେ ମୁଁ ରାଜ୍ୟ ଓ ବିଚାରାଧୀନ ବନ୍ଦୀ ଯେଉଁମାନଙ୍କ ଭାର ମୁଁ ଗ୍ରହଣ କରିବି
ସତ୍ୟନିଷ୍ଠ ପୂର୍ବକ ପ୍ରତିଜ୍ଞାନ କରୁଅଛି
ସେମାନଙ୍କ ମଧ୍ୟରେ ଉତ୍ତମରୂପେ ଏବଂ ସତ୍ୟପୂର୍ବକ ବିଚାର କରିବି ଓ ସତ୍ ଅଭିମତ ପ୍ରଦାନ କରିବି ଏବଂ ସାକ୍ଷ୍ୟ ଅନୁଯାୟୀ ସତ୍ ଅଧିମତ ଦେବି ।

### ଫର୍ମ ନଂ 3 (ଅନୁବାଦକ)

ଈଶ୍ୱରଙ୍କ ନାମରେ ଶପଥ କରୁଅଛି
ମୁଁ ———————— ଯେ ମୁଁ ଉତ୍ତମରୂପେ ଏବଂ ସତ୍ୟ ପୂର୍ବକ ଅନୁବାଦ କରିବି ଏବଂ ସାକ୍ଷୀମାନଙ୍କୁ ପଚରା
ସତ୍ୟନିଷ୍ଠ ପୂର୍ବକ ପ୍ରତିଜ୍ଞାନ କରୁଅଛି
ଯାଉଥିବା ସମସ୍ତ ପ୍ରଶ୍ନ ଏବଂ ସେମାନଙ୍କ ଦ୍ୱାରା ଦିଆଯାଉଥିବା ସାକ୍ଷ୍ୟକୁ ସ୍ପଷ୍ଟ କରିଦେବି ଏବଂ ଅନୁବାଦ ପାଇଁ ମୋତେ ଦିଆଯାଇଥିବା ସମସ୍ତ ଦସ୍ତାବିଜ ସଠିକଭାବେ ଏବଂ ନିର୍ଭୁଲରୂପେ ଅନୁବାଦ କରିବି ।

### ଫର୍ମ ନଂ 4 (ଶପଥ ପତ୍ର)

ଈଶ୍ୱରଙ୍କ ନାମରେ ଶପଥ କରୁଅଛି
ମୁଁ ———————— ଯେ ତାହା ମୋର ନାମ ଏବଂ ଦସ୍ତଖତ (ବା ଚିହ୍ନ) ଅଟେ ଏବଂ ମୋର ଏହି ଶପଥ
ସତ୍ୟନିଷ୍ଠ ପୂର୍ବକ ପ୍ରତିଜ୍ଞାନ କରୁଅଛି
ପତ୍ରର ବିଷୟବସ୍ତୁ ସତ୍ୟ ଅଟେ ।